## ସଂକ୍ଷେପରେ

### ରାସ୍ତା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ

**ଢେଙ୍କାନାଳ ଅଫିସ, ୧୦।୩:** ଢେଙ୍କାନାଳ ସହର ଉପକଣ୍ଠ କଲେଜ ବାଇପାସ୍‌ଠାରୁ ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟର ତଦାରଖ କରିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ। କାମ ଶୀଘ୍ର ଶେଷ କରିବା ଲାଗି ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ରାସ୍ତା କାର୍ଯ୍ୟ ଦୀର୍ଘଦିନ ଧରି ଆରମ୍ଭ ହୋଇଥିଲେ ମଧ ଶେଷ ହେଉନାହିଁ। ପାଣି ପକାଯାଉ ନ ଥିବାରୁ ଧୂଳିଉଡ଼ି ପ୍ରଦୂଷଣ ବଢୁଛି। ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କଲେ କେହି ଶୁଣୁ ନ ଥିବା ଅଭିଯୋଗ ହେଉଥିଲା। ଏହାପରେ ଶୁକ୍ରବାର ଅପରାହ୍ନରେ ଜିଲାପାଳ, ଏସ୍‌ପି ଓ ଉପଜିଲାପାଳ ଏହାର ତଦାରଖ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ତରୁଣ ମହାପାତ୍ର ଓ ଯନ୍ତ୍ରୀ ରଶ୍ମିତା ମିଶ୍ର ରାସ୍ତାକାମ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ।

### ବାଇକ୍‌ରୁ ପଡ଼ି ଯୁବକ ମୃତ

**କାମାକ୍ଷାନଗର, ୧୦।୩(ଡି.ଏନ୍.ଏ.):** ଯାଜପୁର ଜିଲା ବାରିଗୋଧା ରାଣୀପଡ଼ା ଗ୍ରାମର ଭରତ ଚନ୍ଦ୍ର ବେହେରା (୪୭)ଙ୍କ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ କାମାକ୍ଷାନଗର ଥାନା କଞ୍ଚିଆ ଗ୍ରାମରେ ରହୁଥିବା ସମ୍ପର୍କୀୟଙ୍କ ଘରକୁ ଆସୁଥିବା ବେଳେ ଦାନପଶି ନିକଟରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ବସ୍ତ୍ର ବଣ୍ଟନ

**ଢେଙ୍କାନାଳ ଅଫିସ,୧୦।୩:** ଢେଙ୍କାନାଳ ସହର ବାଇପାସ୍ ନିକଟ କୁଟୁଣିଆସ୍ଥିତ ନନ୍ଦିନୀ ଦେବୀ ଦୃଷ୍ଟିହୀନ ବଧିର ବିଦ୍ୟାଳୟରେ ସଭାପତି ପ୍ରଦ୍ୟୁମ୍ନ ରଥଙ୍କ ଅଧକ୍ଷତାରେ ରଙ୍ଗର ପର୍ବ ହୋଲି ପାଳିତ ହୋଇଯାଇଛି। ଜିଲା କାରାଗାରର ମୁଖ୍ୟ ପ୍ରସନ୍ନ କୁମାର ସାହୁ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନୂତନ ଗାମୁଛା, ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଶ୍ୱନାଥ ବେହେରା ପ୍ରାରମ୍ଭିକ ସୂଚନା ଓ କର୍ମଚାରୀ ବଳରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁ ରତ୍ନାକର ପ୍ରଧାନଙ୍କ ସହଯୋଗରେ ଛାତ୍ରୀଛାତ୍ରମାନେ ଭଜନ ପରିବେଷଣ କରିଥିଲେ। ଶିକ୍ଷକ ସରୋଜ ସାମଲ ଓ କର୍ମଚାରୀ ସହଯୋଗ କରିଥିଲେ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ଢେଙ୍କାନାଳ ଅଫିସ,୧୦।୩:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ଅନ୍ତର୍ଗତ ଗଦାଶିଳା ଗ୍ରାମନିବାସୀ ତଥା ଓଡ଼ିଶା ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ନିତ୍ୟାନନ୍ଦ ରଥଙ୍କ ସ୍ତ୍ରୀ ପ୍ରମିଳା ରଥଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ଜଣେ ମେଳାପୀ, ଧର୍ମ ପରାୟଣା ମହିଳା ଭାବେ ସେ ଅଞ୍ଚଳରେ ଜଣାଶୁଣା ଥିଲେ। ଗଦାଶିଳା ରାମ ମନ୍ଦିର ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତାଙ୍କ ଦେହାନ୍ତ ସୂଚନା ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଗ୍ରାମବାସୀ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ଭବାନୀ ପ୍ରସାଦ ରଥ ମୁଖାଗ୍ନି ଦେଇଥିଲେ।

### ସଂଗ୍ରାମୀ ବ୍ରଜକିଶୋରଙ୍କ ବିୟୋଗରେ ଶୋକ

**ଢେଙ୍କାନାଳ ଅଫିସ,୧୦।୩:** ଢେଙ୍କାନାଳ ଜିଲାର ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ମହାପାତ୍ରଙ୍କ ପରଲୋକରେ ବରିଷ୍ଠ ଭାଜପା ନେତା ରୁଦ୍ରନାରାୟଣ ପାଣି ଶୁକ୍ରବାର ଶୋକ ପ୍ରକଟ କରିଛନ୍ତି। ବ୍ରଜବାବୁ ପ୍ରଜାମଣ୍ଡଳ ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସାହସ, ନିର୍ଭୀକତା, ସ୍ପଷ୍ଟବାଦିତା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି ସେ କହିଛନ୍ତି। ଏଥିସହ ଶୋକସନ୍ତପ୍ତ ପରିବାରକୁ ସେ ସମବେଦନା ଜଣାଇଛନ୍ତି।

# ପଦାରେ ପଡ଼ିଲା ପ୍ରିୟାପ୍ରୀତି

- ହେଉ ନ ଥିଲା ବିଏସ୍‌କେୱାଇ ହିତାଧିକାରୀଙ୍କ ସମୀକ୍ଷା
- ଫାଇଦା ନେଉଥିଲେ ଘରୋଇ ନର୍ସିଂହୋମ୍

**ଢେଙ୍କାନାଳ ଅଫିସ, ୧୦।୩**


ଜିଲାପାଳ ଓ ଏସ୍‌ପି ନର୍ସିଂହୋମ୍‌ରେ ଯାଞ୍ଚ କରୁଛନ୍ତି।

ରାଜ୍ୟରେ ବସବାସ କରୁଥିବା ଆର୍ଥିକ ଦୁର୍ବଳ ବର୍ଗଙ୍କୁ ନିଃଶୁଳ୍କରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ ଆଗକୁ ବଢୁଛନ୍ତି ରାଜ୍ୟ ସରକାର। 'ପ୍ରତିଟି ଜୀବନ ମୂଲ୍ୟବାନ' ଉକ୍ତିକୁ ସାକାର କରିବା ଲାଗି ୨୦୧୮ ଅଗଷ୍ଟ ୧୫ରୁ ଆରମ୍ଭ ହୋଇଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)। ହେଲେ ରାଜ୍ୟର ଅନେକ ସ୍ଥାନରେ ଏହାର ଠିକ୍ ସମୀକ୍ଷା ହେଉନାହିଁ। ତେଣୁ ବିଏସ୍‌କେୱାଇରେ ଅନୁବନ୍ଧିତ ଘରୋଇ ମେଡିକାଲଗୁଡ଼ିକ ରୋଗୀସେବା ବାହାନାରେ ଲୁଟି ଚାଲିଛନ୍ତି ସରକାରୀ ଅନୁଦାନ। ଢେଙ୍କାନାଳ ଜିଲାରେ ଏଭଳି ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଭାଗ ଏବଂ ନର୍ସିଂହୋମ୍‌ଗୁଡ଼ିକ ମଧ୍ୟରେ ଗଢ଼ିଉଠିଥିବା ଅସାଧୁମେଣ୍ଟ ଏବଂ ପ୍ରିୟାପ୍ରୀତିତୋଷଣ ମନୋଭାବ ଯୋଗୁ ଏଭଳି ଅନିୟମିତତା ହେଉଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବହୁ ବିଳମ୍ବରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବାବେଳେ ଏହା କେବଳ ଲୋକଦେଖାଣିଆ ବୋଲି ଆଲୋଚନା ଜୋର୍ ଧରିଛି। ଏକକାଳୀନ ଚଢ଼ାଉ ବଦଳରେ ଗୋଟିଏ ଗୋଟିଏ ନର୍ସିଂ ହୋମ୍‌ରେ ଚଢ଼ାଉ କରାଯାଉଥିବାରୁ ଏଭଳି ବେନିୟମ କାର୍ଯ୍ୟରେ ସମ୍ପୃକ୍ତ ଅନ୍ୟମାନେ ସତର୍କ ହୋଇଯିବା ସହ ପ୍ରମାଣ ନଷ୍ଟ କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ।

ରାଜ୍ୟର ଗରିବ ପରିବାରକୁ ନିଃଶୁଳ୍କ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟରେ ୨୦୧୮ରେ ଆରମ୍ଭ ହୋଇଥିଲା ବିଏସ୍‌କେୱାଇ। ବହୁ ବିଳମ୍ବରେ ଢେଙ୍କାନାଳ ଜିଲାରେ ୨୦୨୧ରେ ଏହାକୁ ଲାଗୁ କରାଯାଇଥିଲା। ତଦନୁଯାୟୀ, କାର୍ଡଧାରୀ ପରିବାରର ମହିଳା ସଦସ୍ୟ ବାର୍ଷିକ ୧୦ ଲକ୍ଷ ଟଙ୍କା ଏବଂ ପୁରୁଷ ସଦସ୍ୟ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରିବେ। ଜିଲାର ୨୦ଟି ଘରୋଇ ଚିକିତ୍ସାଳୟ ବିଏସ୍‌କେୱାଇରେ ଅନୁବନ୍ଧିତ ହୋଇଛନ୍ତି। ହେଲେ କାର୍ଡଧାରୀମାନେ ସମ୍ପୃକ୍ତ ହସ୍ପିଟାଲ ଗୁଡ଼ିକରୁ ସୁଫଳ ପାଉଛନ୍ତି କି ନାହିଁ, ସେ ସମ୍ପର୍କରେ ନିୟମିତ ସମୀକ୍ଷା କରାଯାଉନାହିଁ। ଏହାର ସୁଯୋଗରେ କେତେକ ନର୍ସିଂହୋମ୍ ଚିକିତ୍ସା ଆଳରେ ବିଭିନ୍ନ ଉପାୟରେ ଟଙ୍କା ଲୁଟି ଚାଲିଛନ୍ତି। ବିଏସ୍‌କେୱାଇରେ ଏଭଳି ଅନିୟମିତତା ହେଉଥିବା ଅଭିଯୋଗ ଆସିବା ପରେ ୪ଦିନ ତଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସହରର ଏକ ଘରୋଇ ନର୍ସିଂହୋମ୍‌ରେ ଚଢ଼ାଉ କରାଯାଇଥିଲା। ଅଭିଯୋଗରେ ସତ୍ୟତା ଥିବା ଜଣାପଡ଼ିବା ପରେ ଉକ୍ତ ନର୍ସିଂହୋମ୍‌କୁ ସିଲ୍ କରାଯାଇଥିଲା। ଏହାପରେ ଜିଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ନିଦ ଭାଙ୍ଗିଛି। ଶୁକ୍ରବାର ଜିଲା କାର୍ଯ୍ୟାଳୟ ପଛ ପାଖରେ ଥିବା ଘରୋଇ ନର୍ସିଂ ହୋମ 'ଦିଶା'ରେ ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ମିଳିତ ଭାବେ ଚଢ଼ାଉ କରି ବିଏସ୍‌କେୱାଇ କାର୍ଡ ବ୍ୟବହାର ସମ୍ପର୍କିତ ତଥ୍ୟ ଯାଞ୍ଚ କରିଥିଲେ। ତେବେ ଏହି ଚଢ଼ାଉକୁ ନେଇ ଭିନ୍ନ ମତ ପ୍ରକାଶ ପାଇଛି। ଜିଲାର ସମସ୍ତ ବିଏସ୍‌କେୱାଇ ଅନୁବନ୍ଧିତ ଘରୋଇ ଚିକିତ୍ସାଳୟଗୁଡ଼ିକରେ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲେ ସ୍ପଷ୍ଟ ଚିତ୍ର ପଦାକୁ ଆସନ୍ତା। ସେହିପରି କାର୍ଡ ଦ୍ୱାରା ଉପକୃତ ହୋଇଥିବା ହିତାଧିକାରୀଙ୍କ ନିକଟରେ ପହଞ୍ଚି ଯାଞ୍ଚ କରାଗଲେ ଏ ବାବଦରେ ଅଧିକ ତଥ୍ୟ ମିଳିପାରନ୍ତା। ହେଲେ ଏଭଳି ଯୋଜନାହୀନ ଚଢ଼ାଉ ଫଳରେ ଅନ୍ୟ ଘରୋଇ ନର୍ସିଂହୋମ୍‌ଗୁଡ଼ିକ ଅନିୟମିତତାକୁ ଘୋଡ଼ାଇବା ପାଇଁ ସମୟ ପାଇଗଲେ ବୋଲି ଆଲୋଚନା ହେଉଛି। ଏପରି କି ଚଢ଼ାଉର ଯଥେଷ୍ଟ ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର କେତେଜଣ ଅଧିକାରୀ ନର୍ସିଂ ହୋମ୍ ମାଲିକଙ୍କୁ ସତର୍କ କରାଇଦେଉଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେଣୁ ଏଭଳି ଚଢ଼ାଉ ଦ୍ୱାରା ବିଶେଷ ସୁଫଳ ମିଳିବନାହିଁ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

## ଗଳାବାଟ ଦେଖି ଖସିଯାଉଛନ୍ତି: ସିଡିଏମ୍‌ଓ

ଘରୋଇ ନର୍ସିଂହୋମ୍‌ରେ ବିଏସ୍‌କେୱାଇରେ ହେଉଥିବା ଅନିୟମିତତା ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ଅଶୋକ କୁମାର ଦାଶ କୁହନ୍ତି, ଆମର ମଝିରେ ମଝିରେ ରୁଟିନ ଯାଞ୍ଚ କରାଯାଉଛି। କିନ୍ତୁ କିଛି ଲୋକ ଗଳାବାଟ ଦେଖି ଅନିୟମିତତା କରି ଖସି ଯାଉଛନ୍ତି। ଏଣିକି ସଂଗ୍ରାମ ଆରମ୍ଭ ହେଲା। କାହାକୁ ଛଡ଼ାଯିବନି। ରେଗୁଲାର ଯାଞ୍ଚ ହେବ ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅତର୍କିତ ଚଢ଼ାଉ ଜାରି ରହିବ: ଜିଲାପାଳ

ଚଢ଼ାଉ ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ କହିଛନ୍ତି, ଶୁକ୍ରବାର 'ଦିଶା ନର୍ସିଂ ହୋମ'ରେ ଯାଞ୍ଚ କରାଯାଇଥିଲା। ମୋଟ ୧୯୯୨ ହିତାଧିକାରୀ ବିଏସ୍‌କେୱାଇ କାର୍ଡରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ତନ୍ମଧ୍ୟରେ ୩ ରୋଗୀଙ୍କୁ ପଚରାଉଚରା କରାଯାଇଥିଲା। ସେମାନଙ୍କୁ ଠିକ୍ ଭାବେ କାର୍ଡ ମାଧ୍ୟମରେ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପାଇଁ ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଡ୍ରିମ୍ ପ୍ରୋଜେକ୍ଟ। ରୋଗୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା, ଶୋଷଣ ନ କରିବା, କାର୍ଡର ଠିକ୍ ବିନିଯୋଗ କରିବା ପାଇଁ ଘରୋଇ ନର୍ସିଂହୋମ୍‌ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଆଗକୁ ଏଭଳି ଅତର୍କିତ ଚଢ଼ାଉ ଜାରି ରହିବ ବୋଲି ଜିଲାପାଳ କହିଛନ୍ତି।

## ଭିଜିଲାନ୍ସ ତଦନ୍ତ ଦାବି

ଢେଙ୍କାନାଳ ଜିଲାର ଆଦିବାସୀବହୁଳ ଉପାନ୍ତ ଅଞ୍ଚଳବାସୀଙ୍କ ମଧ୍ୟରୁ ଅନେକଙ୍କ ବିଏସ୍‌କେୱାଇ କାର୍ଡ ବ୍ୟବହାର ଉପରେ ଅଧିକ ଧାରଣା ନାହିଁ। ତେଣୁ ସେମାନଙ୍କୁ ଘରୋଇ ନର୍ସିଂହୋମ୍ କର୍ତ୍ତୃପକ୍ଷ ବିଭିନ୍ନ ଆଳରେ ଲୁଟୁଥିବା ଅଭିଯୋଗ ହେଉଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଘରୋଇ ମେଡିକାଲ କର୍ତ୍ତୃପକ୍ଷ ଦଲାଲ ନିୟୋଜିତ କରୁଥିବା ଚର୍ଚ୍ଚା ହେଉଛି, ଯେଉଁମାନେ ରୋଗୀଙ୍କୁ ପ୍ରଲୋଭିତ କରି ଘରୋଇ ଚିକିତ୍ସାଳୟକୁ ନେଉଛନ୍ତି। ଏହି କାରଣରୁ ଦୁଇବର୍ଷ ହେଲା ଭିତ୍ତିଭୂମି ଥିବା ସତ୍ତ୍ୱେ ଜିଲା ଚିକିତ୍ସାଳୟରେ ପ୍ରସବ ସଂଖ୍ୟା ଆଶାତୀତ ଭାବେ କମିଛି। ଏ ସଂକ୍ରାନ୍ତରେ ଗତବର୍ଷ 'ଧରିତ୍ରୀ'ରେ ଖବର ପ୍ରକାଶିତ ହୋଇଥିଲା। ଏଭଳି ଅନିୟମିତତାର ଭିଜିଲାନ୍ସ ତଦନ୍ତ କରାଗଲେ ଆହୁରି ବହୁ ଲୁକ୍କାୟିତ ତଥ୍ୟ ପଦାକୁ ଆସନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।


ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ପୂର୍ବରୁ ଛାତ୍ରୀଙ୍କୁ ଯାଞ୍ଚ କରାଯାଉଛି।

## ମାଟ୍ରିକ୍ ପରୀକ୍ଷା: ୪୭୪ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଢେଙ୍କାନାଳ ଅଫିସ, ୧୦।୩**

ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ସପ୍ଲେମେଣ୍ଟିଭ୍-୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଢେଙ୍କାନାଳ ଜିଲାରେ ମୋଟ୍ ୧୬,୨୮୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ୪୭୪ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ସୂଚନା ଦେଇଛନ୍ତି।

ଜିଲାରେ ୯୭ଟି ପରୀକ୍ଷା କେନ୍ଦ୍ରରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହେଉଛି। ପ୍ରଥମ ଦିବସରେ ମାତୃଭାଷା ଓଡ଼ିଆ ବିଷୟ ଥିବାବେଳେ ପୂର୍ବାହ୍ନ ୮ଟାରୁ ୧୦ଟା ଯାଏ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷାର୍ଥୀମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିଥିଲେ। ସେମାନଙ୍କୁ ଯାଞ୍ଚ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ବ୍ରଜନାଥ ବଡଜେନା ହାଇସ୍କୁଲ ଓ ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

## ମଣ୍ଡିରେ ଅବ୍ୟବସ୍ଥା ଅଭିଯୋଗ

**କାମାକ୍ଷାନଗର, ୧୦।୩(ଡି.ଏନ୍.ଏ.)**

**ଯାଞ୍ଚ କଲେ ସହକାରୀ ଜିଲାପାଳ**



କାମାକ୍ଷାନଗର ବ୍ଲକର ବିଭିନ୍ନ ଧାନମଣ୍ଡିରେ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ଆସିବା ପରେ ସହକାରୀ ଜିଲାପାଳ ମଦନ ମୋହନ ଜେନା ଏହାର ସତ୍ୟାସତ୍ୟ ଯାଞ୍ଚ କରିଛନ୍ତି। ସେ କାଦୁଆ ସମବାୟ ସମିତିର ସେକ୍ରେଟାରିଙ୍କ ସହିତ ଆଲୋଚନା କରୁଥିବାବେଳେ ସିବୁଲାପଶିର ସୁରଥ ନାୟକ ପହଞ୍ଚି ଧାନକ୍ରୟରେ ଅବ୍ୟବସ୍ଥା ହେଉଥିବା ଅଭିଯୋଗ କରିଥିଲେ। ଏହାର ସମାଧାନ କରିବାକୁ ସହକାରୀ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ସେ ମା' କାମାକ୍ଷୀ ରାଇସ୍ ମିଲ ପରିଦର୍ଶନ କରି ଅଭିଯୋଗର ତଦନ୍ତ କରିଥିଲେ। ମଣ୍ଡିରୁ ଧାନ ଉଠାଇବା, ଚାଷୀଙ୍କ ଠାରୁ ଲେବର ଚାର୍ଜ ନ ନେବା, କୁଇଣ୍ଟାଲ ପିଛା ୫ କେଜି ଧାନ ନ କାଟିବାକୁ ସେ ମିଲରଙ୍କୁ ପରାମର୍ଶ ଦେଇଛନ୍ତି। ଜିରାଳ ଅଞ୍ଚଳର ଚାଷୀଙ୍କ ପ୍ରତି ସମାନ ଦୃଷ୍ଟି ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଧାନମଣ୍ଡିରେ ଲାଗି ରହିଥିବା ଅବ୍ୟବସ୍ଥାର ସମାଧାନ କରିବା ଲାଗି ସେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

## ଚୈତନ୍ୟ ଜୀଉଙ୍କ ଜନ୍ମୋତ୍ସବ



**ଢେଙ୍କାନାଳ ଅଫିସ,୧୦।୩**

ଢେଙ୍କାନାଳ ଦୋଳମଣ୍ଡପସାହି ରାଧାକୃଷ୍ଣବଜାରଠାରେ ଶ୍ରୀ ଚୈତନ୍ୟ ଜୀଉଙ୍କ ଜନ୍ମୋତ୍ସବ ତଥା ଦୋଳପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି। ଭବ୍ୟ ରୋଶଣିରେ ରାଧାକୃଷ୍ଣଜୀଉଙ୍କୁ ବିମାନରେ ବସାଇ ନଗର ପରିକ୍ରମା କରାଯାଇଥିଲା। ଗୋପାଳ ଲଉଡ଼ି ଖେଳ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମୁଖ୍ୟ ଆକର୍ଷଣ ସାଜିଥିଲା। ଚୈତନ୍ୟ ମନ୍ଦିର ସଂକୀର୍ତ୍ତନ ସମ୍ମିଳନୀ, ମହିଳା ସଂକୀର୍ତ୍ତନ ମଣ୍ଡଳୀ, ମନ୍ଦିରର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ମିହିର ପ୍ରଧାନ, ସନ୍ତୋଷ ବେହେରା, ଗୋବର୍ଦ୍ଧନ ଦଳେଇ, ପିଣ୍ଟୁ ପାତ୍ର, ଦିଗାମ୍ବର ବେହେରା, ନବକିଶୋର ଦଳେଇ, ପ୍ରମୋଦ ଓଝା, ନନ୍ଦ ବ୍ରହ୍ମ, ଅକ୍ଷୟ ବାରିକ, ରବିନ୍ ବାରିକ, ନନ୍ଦକିଶୋର ବାରିକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## 'ମାନସିକତା ବଦଳିଲେ ମହିଳା ଆଗକୁ ବଢ଼ିବେ'

**ଢେଙ୍କାନାଳ ଅଫିସ, ୧୦।୩**


ରାଜଶ୍ରୀ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ସପ୍ତାହବ୍ୟାପୀ ଚାଲିଥିବା ବିଶ୍ୱ ମହିଳା ଦିବସ ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଣମାଧ୍ୟମ ଉପସ୍ଥାପିକା ସ୍ୱାଗତିକା ସାହୁ ଯୋଗଦେଇ କହିଲେ, ମାନସିକତା ବଦଳିଲେ ମହିଳାମାନେ ଆଗକୁ ବଢ଼ିପାରିବେ। ପାଠପଢ଼ା ପରେ ଚାକିରି ପଛରେ ନ ଦୌଡ଼ି ଆତ୍ମନିର୍ଭରଶୀଳ ହେବା ଉଚିତ ବୋଲି ସେ ପରାମର୍ଶ ଦେଇଥିଲେ। ବନ୍ଦିତାରାଣୀ ପାଣ୍ଡେ, ଉଦ୍ୟୋଗୀ ଫେଶନ ଏଣ୍ଟରପ୍ରିନ୍ୟୁୟର ଅନ୍ୱେଷା ରାଉତ ଆଲୋଚନାରେ ଭାଗନେଇଥିଲେ। କଲେଜ ଅଧକ୍ଷା ଡ. ଇତିଶ୍ରୀ ମହାନ୍ତି କାର୍ଯ୍ୟକ୍ରମରେ ଅଧକ୍ଷତା କରି ମହିଳାମାନେ ମାନସିକତାରେ ପରିବର୍ତ୍ତନ ଆଣି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ମହିଳା ଉଦ୍ୟୋଗୀ ମାନସୀ ପୃଷ୍ଟି ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇଦଶନ୍ଧି ଧରି ଗଣମାଧ୍ୟମ ସହ ଜଡ଼ିତ ମହିଳା ଖବରଦାତା ରାଜଶ୍ରୀ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପିକା କଳ୍ପନା ସାହୁ, ପ୍ରାଧ୍ୟାପକ ଡ. ଜେ. ସିଂଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ଜାଗା ମିଶନ ସମୀକ୍ଷା

**କାମାକ୍ଷାନଗର, ୧୦।୩(ଡି.ଏନ୍.ଏ.)**

୫-ଟି ସଚିବଙ୍କ ନିର୍ଦ୍ଦେଶରେ ଢେଙ୍କାନାଳ ଜିଲାର ବିଭିନ୍ନ ଏନ୍‌ଏସିରେ ଜାଗା ମିଶନର ସମୀକ୍ଷା କରିଛନ୍ତି ରାଜ୍ୟ ଜାଗା ମିଶନର ଉପଦେଷ୍ଟା ହରିଶଙ୍କର ରାଉତ। ଏହି ଅବସରରେ କାମାକ୍ଷାନଗର ଏନଏସି କାର୍ଯ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସହରାଞ୍ଚଳର ଭୂମିହୀନଙ୍କୁ ଜାଗା ଯୋଗାଇଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିଭିନ୍ନ ୱାର୍ଡ ପରିକ୍ରମା କରି ଲୋକଙ୍କୁ ଜାଗା ମିଶନ ଉପରେ ସଚେତନ କରାଇଥିଲେ। ନଗରପାଳ ଧର୍ମାନନ୍ଦ ପରିଡା, ଉପନଗରପାଳ ଶକୁନ୍ତଳା ସେଠୀ, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ କାଉନ୍‌ସିଲର ଉପସ୍ଥିତ ଥିଲେ।


ରାଜ୍ୟ ଜାଗାମିଶନ ଉପଦେଷ୍ଟାଙ୍କୁ ସ୍ୱାଗତ କରାଯାଉଛି।

# ଅଂଶୁଘାତଜନିତ ମୃତ୍ୟୁ ରୋକିବାକୁ ଗୁରୁତ୍ୱ

**ଗ୍ରୀଷ୍ମପ୍ରବାହ ମୁକାବିଲା ପ୍ରସ୍ତୁତି**

**ଢେଙ୍କାନାଳ ଅଫିସ,୧୦।୩**



ବୈଠକରେ ଜିଲା ପରିଷଦ ସଭାନେତ୍ରୀ, ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହର ମୁକାବିଲା ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ ଯୋଗଦେଇ, ଜିଲାରେ ଅଂଶୁଘାତରେ ଯେପରି କାହାରି ମୃତ୍ୟୁ ନ ଘଟିବ ସେଥିପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅଧକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଗ୍ରୀଷ୍ମପ୍ରବାହ ସମୟରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ସାଢ଼େ ୩ଟା ଯାଏ ଶ୍ରମିକଙ୍କୁ କାମରେ ନିୟୋଜିତ କରାଯିବ ନାହିଁ। ମଧ୍ୟାହ୍ନରେ ହାଟରେ କାରବାର ବନ୍ଦ ରହିବ। ଏ ନେଇ ମାଇକ୍ ପ୍ରଚାର କରାଯିବ। ଚିହ୍ନଟ ହୋଇଥିବା ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣରେ ଯେପରି କୌଣସି ସମସ୍ୟା ନ ରୁହେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀ କାମ ଥିଲେ ଆବଶ୍ୟକ ସୁରକ୍ଷା ଉପକରଣ ସହ ଘରୁ ବାହାରିବା, ଅସୁସ୍ଥ ଅନୁଭବ କଲେ ପ୍ରାଥମିକ ଚିକିତ୍ସା କରାଇବାକୁ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ପରାମର୍ଶ ଦେଇଛନ୍ତି।

ଆପାତକାଳୀନ ଅଧିକାରୀ ଲୋପାମୁଦ୍ରା ରଥ, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଓସ୍‌ଡମା ଡିଆର୍‌ଆଇ କନ୍‌ସଲଟାଣ୍ଟ ସଙ୍ଗୀତା ଦାସଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ତହସିଲଦାର, ବିଡିଓ, ଓସଡମା, ଓଡ୍ରାଫ୍ ଓ ରେଡକ୍ରସ୍‌ର ସଦସ୍ୟ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ମାର୍ଚ୍ଚ, ୨୦୨୩

## ପୋଡ଼ିହୋଇ ମହିଳା ଗୁରୁତର

ଗୋପବନ୍ଧୁ ନଗର,(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଅନ୍ତର୍ଗତ ଟିକାୟତପୁର ଗ୍ରାମର ଜଣେ ମହିଳା ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ସେ ହେଲେ କାର୍ତ୍ତିକ ଚନ୍ଦ୍ର ଦାଶଙ୍କ ସ୍ତ୍ରୀ ଜ୍ୟୋତିପ୍ରଭା (୩୫)। ଗୁରୁବାର ସନ୍ଧ୍ୟାରେ ଠାକୁରଙ୍କ ନିକଟରେ ସଞ୍ଜବତୀ ଜାଳି ଅନ୍ୟ ଏକ କାମ କରୁଥିବା ବେଳେ ଅସାବଧାନତା ବଶତଃ ତାଙ୍କ ଶାଢ଼ୀରେ ନିଆଁ ଲାଗିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁଆମରା ଡାକ୍ତରଖାନା ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।



## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା: ୨ ମୃତ, ୪ ଆହତ

ଧାମନଗର, ୧୦।୩ (ଡି.ଏନ.ଏ./ସ୍ୱ.ପ୍ର.)- ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ଶୁକ୍ରବାର ଭୋର ସମୟରେ ଭଦ୍ରକ ଆଡୁ ଏକ ଅଟୋ ୪ ଯାତ୍ରୀଙ୍କୁ ନେଇ ଧାମନଗର ଆସୁଥିବା ବେଳେ ଶିବବିନ୍ଧା ଛକ ନିକଟରେ ଗାଡ଼ି ଓଲଟି ପଡ଼ିବାରୁ ଡ୍ରାଇଭର ସମେତ ଚାରିଜଣ ଆହତ ହୋଇଥିଲେ। ଆହତମାନେ ଭଣ୍ଡାରିପୋଖରୀ ଓ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସେହିପରି ଦଳାଙ୍ଗ ପଞ୍ଚାୟତ ଦେବତାସାହିର ପରେଶ ଦେବତା(୪୯) କୋଲକାତାରୁ ଆସି ଭଦ୍ରକରୁ ଗ୍ରାମକୁ ଫେରୁଥିବା ବେଳେ ଧାମନଗର ରାସ୍ତାରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତ ପରେଶଙ୍କ ଭାଇ ଜୟପ୍ରକାଶ ଧାମନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ (ନଂ.୯୮/୨୩) ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ପଧାନୀ ପଞ୍ଚାୟତ ଅଧୀନ କଣ୍ଟିଦୋଳ ଗ୍ରାମର ନାରାୟଣ ମହାପାତ୍ର ନିଜ ଝିଆରୀ ବାହାଘର ସାରି ଫେରୁଥିବା ବେଳେ ବଣାଇଠାରେ ଏକ ଅଜଣା ଗାଡ଼ି ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି।

### ଦୁର୍ଘଟଣାରେ ବାପ ମୃତ, ପୁଅ ଗୁରୁତର

ଖୁଣ୍ଟା,୧୦।୩(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଖୁଣ୍ଟା-ବାରିପଦା ରାଜ୍ୟ ରାଜପଥର ଟିଟିଆ ଛକଠାରେ ଶୁକ୍ରବାର ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭୁପଡ଼ ଗ୍ରାମର ଗୁଡରା ସୋରେନ(୮୦)। ଗୁରୁତର ଲସ ସୋରେନଙ୍କୁ ଚିକିତ୍ସା ପାଇଁ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଲସ ତାଙ୍କ ବାପା ଗୁଡରାଙ୍କୁ ବାଇକ୍‌ରେ ବସାଇ ଡୁକୁରା ସ୍ୱାସ୍ଥ୍ୟକେନ୍ଦ୍ରରୁ ସନ୍ଧ୍ୟାରେ ଘରକୁ ଫେରୁଥିବାବେଳେ ଟିଟିଆ ଛକଠାରେ ପଛପଟୁ ଆସୁଥିବା ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ବାପ, ପୁଅଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ଡାକ୍ତର ଗୁଡରାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ପ୍ରଧାନ ଶିକ୍ଷକଙ୍କ ମୃତଦେହ ଜବତ

ରାଇରଙ୍ଗପୁର, ୧୦।୩(ଡି.ଏନ୍.ଏ): ମୟୂରଭଞ୍ଜ ଜିଲା ଯାମଦା ଥାନା ଅନ୍ତର୍ଗତ ତାରଣା ଗ୍ରାମସ୍ଥିତ କନ୍ୟାଶ୍ରମର ପ୍ରଧାନ ଶିକ୍ଷକଙ୍କ ଝୁଲନ୍ତା ମୃତଦେହକୁ ଶୁକ୍ରବାର ପୋଲିସ ଜବତ କରିଛି। ମୃତକ ହେଲେ ରାଜେନ୍ଦ୍ର କୁମାର ଶତପଥୀ (୫୮)। ତାଙ୍କ ଘର ବାଲେଶ୍ୱର ଜିଲା ଖଇରା ଥାନା ଅନ୍ତର୍ଗତ ନଛିପୁର ଗ୍ରାମରେ। ଖବରପାଇ ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଏବଂ ଯାମଦା ଥାନାଧିକାରୀ କୃଷ୍ଣଚନ୍ଦ୍ର ଜାନୀ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ଏନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୨/୨୩) ରୁଜୁ ହୋଇଛି। ରାଇରଙ୍ଗପୁର ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁର କାରଣ

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଭଞ୍ଜସେନା

**ବାରିପଦା ଅଫିସ,୧୦।୩**



ଧାରଣାରେ ବସିଥିବା ଭଞ୍ଜସେନାର କର୍ମକର୍ତ୍ତା।

ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟକୁ ବନାଗ୍ନିରୁ ରକ୍ଷା କରିବା ଓ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଦାବିକୁ ନେଇ ଅଗ୍ରଣୀ ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସଙ୍ଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନିର୍ଦ୍ଦେଶରେ ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଦାବି ଉପସ୍ଥାପନା କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

ଦୁଇ ମାସ ହେଲା ଶିମିଳିପାଳ ଅଭୟାରଣ୍ୟକୁ ନିଆଁ ଗ୍ରାସ କରିଚାଲିଛି। ବନବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଓ କଡ଼ା ପାଟ୍ରୋଲିଂ ସତ୍ତ୍ୱେ ନିଆଁ ଲାଗିବା ବନ୍ଦ ହେଉନାହିଁ। ଫଳରେ ବାୟୁ ମଣ୍ଡଳ ଦୂଷିତ ହେବା ସହ ଜୀବଜଗତ ବିଶେଷ ପ୍ରଭାବିତ ହୋଇଛନ୍ତି । ଅଭୟାରଣ୍ୟରୁ ତୃଣଭୋଜି ପ୍ରାଣୀମାନେ ବାଟବଣା ହୋଇ ଗାଁ ଓ ସହର ମୁହାଁ ହେବା ଦ୍ୱାରା ମୃତ୍ୟୁ ମୁଖରେ ପଡୁଛନ୍ତି। ଶିକାରୀ, କାଠ ମାଫିଆ ଓ ମହୁଲ ସଂଗ୍ରହ ପାଇଁ ନିଆଁ ଲଗାଉଥିବା ଲୋକମାନଙ୍କୁ ବନବିଭାଗ ଧରିବାରେ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଏପରିକି ଉଚ୍ଚ ପଦସ୍ଥ ଅଧିକାରୀମାନେ ମାସକୁ ଅତିକମ୍‌ରେ ୧୫ରୁ ୨୦ଦିନ ଅଭୟାରଣ୍ୟ ମଧ୍ୟରେ ରହିବାର ନିୟମ ରହିଥିଲେ ମଧ୍ୟ ସେମାନେ ସହର ଛାଡ଼ି ଜଙ୍ଗଲ ମଧ୍ୟକୁ ଯାଉ ନାହାନ୍ତି ବୋଲି ସଂଗଠନର ଓବିସି ସେଲ ଅଧ୍ୟକ୍ଷ ରାକେଶ ବେହେରା ଅଭିଯୋଗ କରିଛନ୍ତି ।

ସେହିପରି ଜିଲାର ରାଇରଙ୍ଗପୁର ଓ ବାରିପଦାସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପାନୀୟ ଜଳ ସମସ୍ୟା ଦୂର

**ଶିମିଳିପାଳ ସୁରକ୍ଷା, ପାନୀୟ ଜଳ ଯୋଗାଣ ଦାବି**

କରିବାରେ ବିଫଳ ହୋଇଛି। ଗ୍ରାମାଞ୍ଚଳର ଲୋକଙ୍କୁ ଚୁଆ ଓ ନାଳରୁ ପିଇବା ପାଣି ସଂଗ୍ରହ କରିବାକୁ ଦୀର୍ଘ କି.ମି. ଚାଲି ଚାଲି ଯିବାକୁ ପଡୁଛି। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାରୁ ଅଧିକାଂଶ ଗ୍ରାମରେ ନଳକୂଅ ଅଚଳ ହୋଇ ପଡ଼ିଛି। ଜଳସ୍ତର କମୁଥିବାରୁ ନଳକୂଅଗୁଡ଼ିକରୁ ପର୍ଯ୍ୟାପ୍ତ ପରିମାଣ ପାଣି ବାହାରୁ ନ ଥିବା ବେଳେ ଜଳଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବର୍ଷ ତମାମ ପାନୀୟ ଜଳ ଯୋଗାଇବା ପରିବର୍ତ୍ତେ ଦୁର୍ନୀତି ମାଧ୍ୟମରେ ଅଧିକ ରୋଜଗାର କରିବାକୁ ପ୍ରାଧାନ୍ୟ ଦିଆଯାଉଛି ବୋଲି ସଙ୍ଗଠନର କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୀବ ରାଉତ, ସତ୍ୟ ସ୍ୱରୂପ ଦାସ, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ ପ୍ରମୁଖ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ରବିନ ମହାନ୍ତି, ରାକେଶ ମହାନ୍ତି, ପ୍ରଶାନ୍ତ ମହାକୁଡ, ଏସ.କେ. ରାଜାଖାନ, ଜ୍ୟୋତି ରଞ୍ଜନ ପୃଷ୍ଟିଙ୍କ ସମେତ ବହୁ କର୍ମକର୍ତ୍ତା ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଖୁବଶୀଘ୍ର ଏହି ସବୁ ମୌଳିକ ସମସ୍ୟାର ସମାଧାନ କରା ନ ଗଲେ ଜିଲା ବନ୍ଦ ଡାକରା ଦିଆଯିବ ବୋଲି ସଂଗଠନର କର୍ମକର୍ତ୍ତାମାନେ କଡ଼ା ଚେତାବନୀ ଦେଇଛନ୍ତି ।

# ପ୍ରାର୍ଥନା ଗୃହ ଉଦ୍‌ଘାଟିତ

**ଭାପୁର,୧୦।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ପଞ୍ଚାୟତ ମହୁଲପୁଞ୍ଜି ଗ୍ରାମରେ ଶ୍ରୀ ଶ୍ରୀ ରଧାକାନ୍ତ ଜୀଉ ମନ୍ଦିର ପରିସରରେ ଶୁକ୍ରବାର ଏକ ପ୍ରାର୍ଥନା ଗୃହ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରାର୍ଥନା ଗୃହ ନିର୍ମିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ ସଦର ବ୍ଲକ ବିଡିଓ ସୁଧୀର ନାୟକ, ଭାପୁର ସରପଞ୍ଚ ଇନ୍ଦୁମତି ଭାଇ, ସମିତି ସଭ୍ୟ ଜ୍ୟୋତ୍ସ୍ନାମୟୀ ଖଟୁଆ, ନରୋତ୍ତମ ସାହୁ, ଭାପୁର ସେବା ସମବାୟ ସମିତି ସଭାପତି ଅଜୟ ପଟ୍ଟନାୟକ, ଗ୍ରାମ ସଭାପତି ବୈରାଗୀ କାଞ୍ଚିଆ, ସମ୍ପାଦକ ଶ୍ରୀକାନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା କମିଟି ସଦସ୍ୟ ବାମଦେବ ଦାସ ସଭା ପରିଚାଳନା କରିଥିବା ବେଳେ ଧରଣୀ ଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ରାଧାକାନ୍ତ ଜୀଉଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।


ବିଧାୟକ ପ୍ରାର୍ଥନା ଗୃହ ଉଦ୍‌ଘାଟନ କରୁଛନ୍ତି।

# 'ସମ୍ବେଦନଶୀଳ ମାମଲାର ନିରାକରଣ କର'


ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସମେତ ଅନ୍ୟମାନେ।

**ଅନୁଗୋଳ ଅଫିସ, ୧୦।୩**

ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। କନ୍ୟାସନ୍ତାନ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଏ। ଗର୍ଭାବସ୍ଥାରେ ଲିଙ୍ଗ ନିରୂପଣ, ଭ୍ରୂଣହତ୍ୟା, ବାଲ୍ୟବିବାହ, ଯୌନ ନିର୍ଯାତନା ଭଳି ସମ୍ବେଦନଶୀଳ ମାମଲାଗୁଡ଼ିକର ନିରାକରଣ ଲାଗି ପଦକ୍ଷେପ ନେବାକୁ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ସିଡିଏମ୍‌ଓ ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ କର୍ଣ୍ଣ ମୁର୍ମୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ, ମହିଳା ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ କିଶୋରୀ ବାଳିକାଙ୍କୁ ସମ୍ମାନିତ କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ମହିଳା, କିଶୋରୀ, ସାମାଜିକ କର୍ମୀ ଅଂଶଗ୍ରହଣ କରିଥିଲେ। ମିଶନ ଶକ୍ତିର ଜିଲା ସଂଯୋଜକ ବସନ୍ତ ମଲ୍ଲିକ ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଆମ୍ବଯୋଡ଼ା ଜଙ୍ଗଲରେ ଗୋଠଛଡ଼ା ଦନ୍ତା

**ବେତନଟୀ,୧୦।୩(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ବେତନଟୀ ବନାଞ୍ଚଳ ଅଧୀନ ଆମ୍ବଯୋଡ଼ା ଜଙ୍ଗଲରେ ଶୁକ୍ରବାର ଏକ ଗୋଠଛଡ଼ା ଦନ୍ତାହାତୀ ବିଚରଣ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀଟି ଗୁରୁବାର ରାତିରେ ବେତନଟୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟସ୍ଥ ଏକ ବସ୍ତିରେ ପ୍ରବେଶ କରିଥିଲା। ସେଠାରେ ଥିବା କଦଳୀ ଗଛ ଓ କେତେଜଣ ଲୋକଙ୍କ ଆସବାବପତ୍ର ଭାଙ୍ଗି ଦେଇଛି। ହାତୀ ଭୟରେ ଲୋକେ ରାତି ଉଜାଗର ରହିଥିଲେ। ହାତୀ ଜନବସତି ମୁହାଁ ହୋଇଥିବାରୁ ଜଙ୍ଗଲ ମଧ୍ୟରେ ବସବାସ କରୁଥିବା ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି।

# କଦଳୀ ଗଛ ହଣାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ଗୋଟିଏ ପରିବାର ୫ ଗୁରୁତର

**ବାହାନଗା, ୧୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତର ନଇଁଛଣପୁର ଗ୍ରାମର କଦଳୀ ଗଛ ହଣାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ଗୋଟିଏ ପରିବାରର ୫ଜଣ ଗୁରୁତର ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପରିବାରର କୌଣସି ସଦସ୍ୟ ଘରେ ନ ଥିବାରୁ ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ପହଞ୍ଚି ବିପକ୍ଷ ଦଳରୁ ୨ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ନଇଁଛଣପୁର ଗ୍ରାମର ମାଧିଆ ସନ୍ଧିବିଗ୍ରହଙ୍କର ଏକ କଦଳୀ ଗଛ ରମେଶ ମଲିକଙ୍କ ବାଡ଼ ଉପରକୁ ଓହଳି ପଡ଼ିଥିଲା। ତେବେ ବାଡ଼ ବେଢ଼ିବା ନିମନ୍ତେ ରମେଶ ମାଧିଆଙ୍କୁ ଗଛ କାଟିଦେବା ପାଇଁ କହିଥିଲେ । ଏ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ରମେଶ ଗତ ଗୁରୁବାର କଦଳୀ ଗଛକୁ କାଟି ନିଜର ବାଡ ବେଢ଼ିଦେଇଥିଲା। ଏଥିରେ ମାଧିଆ ଉତ୍ତ୍ୟକ୍ତ ହୋଇ ଝିଅ, ଜ୍ୱାଇଁ ସମେତ ବାହାରୁ କିଛି ଯୁବକଙ୍କୁ ଡାକି ରାତିରେ ରମେଶ ମଲିକଙ୍କ ଘରେ ପଶି ତାଙ୍କ ସ୍ତ୍ରୀ ସରସ୍ୱତୀ ମଲିକ, ବଡପୁଅ ଖଗେନ୍ଦ୍ର ମଲିକ, ସାନପୁଅ ପର୍ଶୁରାମ ମଲିକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗ୍ରାମବାସୀ ଚିତ୍କାର ଶୁଣି ସେଠାରେ ପହଞ୍ଚିବା ପରେ ଆକ୍ରମଣକାରୀ ପଳାଇ ଯାଇଥିଲେ। ଲୋକମାନେ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ହସ୍‌ପିଟାଲକୁ ନେଇଥିଲେ। ସେମାନଙ୍କର ଅବସ୍ଥା ଗୁରୁତର ହେବାରୁ ଡାକ୍ତର ସେମାନଙ୍କୁ କଟକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଛି।

# ତାଲୁକ ଆଇନ ସଚେତନତା ଶିବିର

**ଛେଣ୍ଡିପଦା,୧୦।୩(ସ୍ୱ.ପ୍ର)**

ଛେଣ୍ଡିପଦା ତାଲୁକ ଆଇନସେବା କମିଟି ପକ୍ଷରୁ ମହିଳା ସଶକ୍ତୀକରଣ ସମ୍ପର୍କିତ ଆଇନ ସଚେତନ ଶିବିର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଇନସେବା କମିଟି ଅଧ୍ୟକ୍ଷା ତନ୍ୱୀ ରଥ ଏଥିରେ ଅଧ୍ୟକ୍ଷତା କରିଥିଲେ। ଛେଣ୍ଡିପଦା କୋର୍ଟର ଏପିପି ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇ ଘରୋଇ ହିଂସା, ଯୌତୁକ ନିର୍ଯାତନା, ଛାଡ଼ପତ୍ର, ନାବାଳିକା ନିର୍ଯାତନା, ଏସିଡ୍ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ସମ୍ପର୍କରେ ବୁଝାଇଥିଲେ। ତାଲୁକ ଆଇନସେବା ସଂଯୋଜକ ଆଇନଜୀବୀ ନଗେନ ନନ୍ଦ ଆର୍ଥିକ ଅନଗ୍ରସର ମହିଳାଙ୍କ ଲାଗି ରହିଥିବା ବିଭିନ୍ନ ଯୋଜନା ଏବଂ ଆଇନଗତ ସହାୟତା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସିପ୍ରା ସାହୁ ଭ୍ରୂଣ ନିରୂପଣ ଆଇନ ସମ୍ପର୍କରେ ସୂଚନା ଦେଇଥିଲେ। ଏଏନ୍‌ଏମ୍ ଅନିମା ଗଡନାୟକ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୟାୟ ବିରୋଧରେ ଲଢ଼ିବା ପାଇଁ ସଚେତନ କରାଇଥିଲେ। ବ୍ଲକରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ମହିଳା କର୍ମଚାରୀ, ଏସ୍‌ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ।



ଶିବିରରେ ଉପସ୍ଥିତ ଆଇନସେବା କମିଟି ଅଧ୍ୟକ୍ଷାଙ୍କ ସମେତ ଅନ୍ୟମାନେ।

# ବେଆଇନ କୁକୁଡ଼ା ଫାର୍ମ ନିର୍ମାଣ ବନ୍ଦ ଦାବି

**ଭଦ୍ରକ ଅଫିସ, ୧୦।୩**

ଭଦ୍ରକ ଜିଲା ଧାମନଗର ବ୍ଲକର ରଇପୁର ଗ୍ରାମରେ ଏକ ବେଆଇନ କୁକୁଡ଼ା ଫାର୍ମ ନିର୍ମାଣ ବନ୍ଦ ଦାବିରେ ଗ୍ରାମବାସୀ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିଥିଲେ। ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଜଣେ ବ୍ୟକ୍ତି କୁକୁଡ଼ା ଫାର୍ମ ନିର୍ମାଣ ଆରମ୍ଭ କରୁଛନ୍ତି। ଜନବସତି ପାଖରେ କୁକୁଡ଼ା ଫାର୍ମ ହେଲେ ଦୁର୍ଗନ୍ଧ ହେବା ସହ ବିଭିନ୍ନ ରୋଗ ସଂକ୍ରମଣ ହେବାର ଆଶଙ୍କା ରହିଛି। ଉକ୍ତ ବ୍ୟକ୍ତି ପୂର୍ବରୁ ସମବାୟ ସମିତିରୁ ଋଣ ଆଣି ଗୋଟିଏ ଫାର୍ମ କରିଥିବା ବେଳେ ତାଙ୍କୁ ଆଉ ଗୋଟେ ଫାର୍ମ କରିବାକୁ ଋଣ କିପରି ଦିଆଗଲା

**ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ**

ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଉକ୍ତ ଫାର୍ମ ନିର୍ମାଣ ବନ୍ଦ ଦାବି କରି ଗ୍ରାମର ଅଭୟ ଖଟୁଆ, ଶାନ୍ତିଲତା ରାଉତ, ନଟବର ରାଉତ, ଲୋକନାଥ ସାହୁ, ରମାକାନ୍ତ ରାଉତ ପ୍ରମୁଖ ଅନଶନରେ ବସିଥିଲେ। ସେମାନେ ଏନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା ପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ସେମାନେ ଅନଶନରୁ ଉଠିଥିଲେ।

# ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ବୈଠକ

**ଅନୁଗୋଳ ଅଫିସ, ୧୦।୩**

ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତ ମୁକାବିଲା ନିମନ୍ତେ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନରେ ସମୟ ନିର୍ଘଣ୍ଟ ପରିବର୍ତ୍ତନ, ପାନୀୟ ଜଳ ସୁବ୍ୟବସ୍ଥା, ଆର୍‌ଆଇ କାର୍ଯ୍ୟାଳୟରେ ଆବଶ୍ୟକ ସାମଗ୍ରୀ ମହଜୁଦ୍ ରଖିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ଜଳଛତ୍ର ଖୋଲାଯିବା, ଜଙ୍ଗଲ ଇଲାକାରେ ବାସ କରୁଥିବା ପରିବାର ଏବଂ ଗୃହପାଳିତ ପ୍ରାଣୀଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ସମସ୍ତ ଚିକିତ୍ସାଳୟରେ ପର୍ଯ୍ୟାପ୍ତ ପରିମାଣରେ ଓଆର୍‌ଏସ ମହଜୁଦ୍ ରଖିବା, ଅଂଶୁଘାତ ଆକ୍ରାନ୍ତଙ୍କ ନିମନ୍ତେ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ କକ୍ଷ ଖୋଲିବା ପାଇଁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଜିଲାର ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାରଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲା ଆପାତକାଳିନ ଅଧିକାରୀ ସତ୍ୟାନନ୍ଦ ଦାସ ଧନ୍ୟବାଦ ଦେଇଥିଲେ।


ବୈଠକରେ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀମାନେ।

# ଟିକାକରଣ ପାଇଁ ଡାଟାବେସ୍ ପ୍ରସ୍ତୁତି ନିର୍ଦ୍ଦେଶ

**ଜିଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ**

**ଅନୁଗୋଳ ଅଫିସ,୧୦।୩**

ଅନୁଗୋଳ ଜିଲାସ୍ତରୀୟ ଟିକାକରଣ ଟାସ୍କ ଫୋର୍ସ କମିଟି ବୈଠକ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗର୍ଭବତୀ, ନବଜାତ ଶିଶୁଙ୍କ ପଞ୍ଜୀକରଣ, ଟିକାକରଣ ଉପରେ ଏକ ଡାଟା ବେସ ପ୍ରସ୍ତୁତ କରିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଗର୍ଭବତୀ ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟସେବାରେ ଅବହେଳା ନଜରକୁ ଆସିଲେ ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କୁ ଜିଲାପାଳ କହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ମିଳିତ ସହଯୋଗରେ ଟିକାକରଣ ଲକ୍ଷ୍ୟ ପୂରଣ




ଲାଗି ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ନ୍ୟାଶନାଲ ସ୍କିଲ୍ ସେଲ୍ ମିଶନର ଜିଲାସ୍ତରୀୟ ସବ୍‌କମିଟି ଗଠନ କରାଯାଇଥିଲା। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ଦିଲୀପ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର,ଶନିବାର, ୧୧ ମାର୍ଚ୍ଚ ୨୦୨୩

**ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ ଅଭିଯୋଗ**

**ଅନୁଗୋଳ ଅଫିସ:** ଅନୁଗୋଳ ସଦର ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୮୬/୨୩ରେ ମାମଲା ରୁଜୁ କରିଛି। ସଦର ଥାନା କୁମୁରିସିଂହା ଅଞ୍ଚଳର ଯୁବକ ଜଣଙ୍କ ସମ୍ପୃକ୍ତା ମହିଳାଙ୍କୁ ଅସଦାଚରଣ କରିଥିଲେ। ପୀଡ଼ିତା ମହିଳା ନ୍ୟାୟ ଦାବିରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।



## ସଂକ୍ଷେପରେ

### ଯନ୍ତ୍ରାଂଶ ଚୋରି ଉଦ୍ୟମ: ଜଣେ ଗିରଫ, ୫ ଫେରାର

କଣିହାଁ, ୧୦।୩(ଡି.ଏନ୍.ଏ.)-କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ପିଏଚ୍ ବିଭାଗ ଷ୍ଟୋରରୁ ବିଭିନ୍ନ ଯନ୍ତ୍ରାଂଶ ଚୋରି ଉଦ୍ୟମ ଅଭିଯୋଗରେ ପୋଲିସ ଜଣକୁ ଗିରଫ କରିଛି। ଏହି ଘଟଣାରେ ଅନ୍ୟ ୫ଜଣ ଫେରାର ଅଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଗତ ୮ ତାରିଖ ରାତିରେ ପିଏଚ୍ ବିଭାଗ ଷ୍ଟୋର (କ୍ୱାର୍ଟର୍ସ ନଂ. ସି/୧)ରେ କେହି ନ ଥିବା ସୁଯୋଗରେ ୬ଜଣ ଅଭିଯୁକ୍ତ ପଶି ଲୁହା ଯନ୍ତ୍ରାଂଶ ଚୋରି କରି ଷ୍ଟୋର ବାହାରେ ଆଣି ରଖିଥିଲେ। ସେହି ରାସ୍ତା ଦେଇ ଯାଉଥିବା ବିଭାଗୀୟ ଯନ୍ତ୍ରୀ ଶବ୍ଦ ଶୁଣି ସହକର୍ମୀଙ୍କୁ ଡାକି କ୍ୱାର୍ଟର୍ସ ଭିତରକୁ ଯାଇଥିଲେ। ଘଟଣାସ୍ଥଳରୁ ରାକେଶ (୩୫) ନାମକ ଜଣେ ଯୁବକଙ୍କୁ କାବୁ କରିଥିବାବେଳେ ଅନ୍ୟ ୫ଜଣ ଫେରାର ହୋଇଯାଇଛନ୍ତି। ଅଭିଯୁକ୍ତ ରାକେଶଙ୍କ ଘର ଉତ୍ତରପ୍ରଦେଶ ରାଜ୍ୟ ଲଳିତପୁର ଜିଲାର ତଲବେହୋଟ ଥାନା ଲଟୱାରି ଗ୍ରାମରେ। ଅନ୍ୟମାନେ ଖୁବ୍‌ଶୀଘ୍ର ଧରାପଡ଼ିବେ ବୋଲି ଆଇଆଇସି ଓନାମ ଲାକ୍ରା ସୂଚନା ଦେଇଛନ୍ତି।

### ମହିଳା ଅଧିକାର ସମ୍ପର୍କରେ ଆଲୋଚନା

**ଅନୁଗୋଳ ଅଫିସ,୧୦।୩**-ଅନୁଗୋଳ ବିଜୁ ମଇଦାନରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଜିଲା ଶିଳ୍ପୋଦ୍ୟୋଗୀ ସପ୍ତାହ ମେଳାର ବୁଧବାର ସନ୍ଧ୍ୟାରେ ବିଶ୍ୱ ମହିଳା ଦିବସ ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିଳ୍ପ ବିକାଶ ଅଧିକାରୀ ମଧୁଛନ୍ଦା ଦାସ ଯୋଗଦେଇ ଜିଲା ଶିଳ୍ପକେନ୍ଦ୍ର ପକ୍ଷରୁ କାର୍ଯ୍ୟକାରୀ ବିଭିନ୍ନ ପ୍ରକଳ୍ପ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ମହିଳା ଓ ଶିଶୁ ବିକାଶ ବିଭାଗର ସୁରକ୍ଷା ଅଧିକାରୀ ପୂର୍ଣ୍ଣମାସୀ ରଥ ଯୋଗଦେଇ ମହିଳାଙ୍କ ଅଧିକାର, ଏହାର ସୁରକ୍ଷା ସମ୍ପର୍କରେ ସଚେତନତା କରାଇଥିଲେ। ଏସ୍‌ବିଆଇ ଶାଖାର ସହକାରୀ ପରିଚାଳକ ନିବେଦିତା ଭଞ୍ଜ ମହିଳା ସଶକ୍ତୀକରଣ ପାଇଁ ଆବଶ୍ୟକ ଅର୍ଥ ଓ ଋଣ ବ୍ୟବସ୍ଥା ସମ୍ପର୍କରେ ତଥ୍ୟ ରଖିଥିଲେ। ସାମାଜିକ କର୍ମୀ ମମତା ପ୍ରଧାନ ଆଲୋଚନାରେ ଭାଗନେଇ ଭ୍ରୂଣହତ୍ୟା, ଲିଙ୍ଗଗତ ଅସମାନତା, କନ୍ୟାରତ୍ନ ସୁରକ୍ଷା, ମହିଳା ସଶକ୍ତୀକରଣ ଆଦି ବିଷୟରେ ଆଲୋଚନା କରିଥିଲେ। ଜିଲା ନିବେଶ ପ୍ରୋତ୍ସାହନ ସଂସ୍ଥାର ପଙ୍କଜିନୀ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଳିଗଲା କୋଇଲା ବୋଝେଇ ଟ୍ରକ୍



**ବଅଁରପାଳ,୧୦।୩(ଡି.ଏନ.ଏ.)**- ନାଲ୍‌କୋ। ନିଜସ୍ୱ ବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ ତଥା ସିପିପି ପ୍ଲାଣ୍ଟରେ ଏକ କୋଇଲା ବୋଝେଇ ଟ୍ରକ ଶୁକ୍ରବାର ଶର୍ଟ ସର୍କିଟ୍ ଯୋଗୁ ଜଳିଯାଇଛି। ଡ୍ରାଇଭର ଜଣକ କାଗଜପତ୍ର ପାଇଁ ଓଜନ କଣ୍ଟା ଅଫିସକୁ ଯାଇଥିବାବେଳେ ହଠାତ୍ ଟ୍ରକରେ ନିଆଁ ଲାଗି ଯାଇଥିଲା। ଖବରପାଇ ନାଲ୍‌କୋ ସୁରକ୍ଷା ଦାୟିତ୍ୱରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳର ଅଗ୍ନିନିର୍ବାପକ ବାହିନୀ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ।

# ଅନୁଗୋଳରେ ହେବ ୨ କୃଷିସେବା କେନ୍ଦ୍ର




■ପିପିପି ମୋଡ୍‌ରେ ହେବ, ରାଜ୍ୟରେ ପ୍ରଥମ

■ସହାୟତା କରିବ ଜେଏସ୍‌ପି ଫାଉଣ୍ଡେଶନ

**ଅନୁଗୋଳ ଅଫିସ, ୧୦।୩**

କୃଷି ଓ କୃଷକଙ୍କ ବିକାଶ ଲାଗି ଅନୁଗୋଳରେ ସ୍ଥାପନ ହେବ ୨ଟି କୃଷି ସେବାକେନ୍ଦ୍ର। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମକେୟୁୱାଇ) ଅଧୀନରେ ପିପିପି ମୋଡରେ ଏହା କାର୍ଯ୍ୟକ୍ଷମ ହେବ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି)ର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପି ଫାଉଣ୍ଡେଶନ ଏବଂ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିକାଶ ବିଭାଗ ଏହାର ଅଂଶୀଦାର ରହିବେ। ରାଜ୍ୟରେ ପିପିପି ମୋଡ୍‌ରେ ଏଭଳି କୃଷିସେବା କେନ୍ଦ୍ର ପ୍ରଥମ ବୋଲି କୁହାଯାଉଛି। ଗତ ମାର୍ଚ୍ଚ ୪ରେ ଅନୁଗୋଳ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି।

ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ ଯୋଗଦେଇ କହିଲେ, ତୁବେ ଏବଂ ପୀତାବଳୀ ଗ୍ରାମରେ କୃଷକ ସେବାକେନ୍ଦ୍ର ହେବ। ଏହି ଅବସରରେ ତୁବେ ଗ୍ରାମସ୍ଥିତ କଳାପାଟ କୃଷି ଉତ୍ପାଦକ କମ୍ପାନୀ ଲିମିଟେଡ ଏବଂ ଡେରଜାଙ୍ଗସ୍ଥିତ ପୀତାବଳୀ କୃଷି ଉତ୍ପାଦକ କମ୍ପାନୀ ଲିମିଟେଡର ସଦସ୍ୟଙ୍କୁ ଅଗ୍ରସରପତ୍ର ପ୍ରଦାନ କରାଯାଇଥିଲା। କୃଷି ସେବାକେନ୍ଦ୍ର ଦ୍ୱାରା ଚାଷୀମାନେ ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ପର୍କରେ ଜ୍ଞାନ ଆହରଣ କରିପାରିବେ। ଜେଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ଉକ୍ତ ଦୁଇ କୃଷି ସେବା କେନ୍ଦ୍ର ପ୍ରତିଷ୍ଠା ଲାଗି ୩୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଅବଶିଷ୍ଟ ୧୮ ଲକ୍ଷ ଟଙ୍କା ସରକାରୀ ସବ୍‌ସିଡି ମିଳିବ ବୋଲି ସୂଚନା ଦିଆଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରମିଳ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୋର୍ଡର ସମସ୍ତ ସଦସ୍ୟ, କୃଷି ଉତ୍ପାଦକ କେନ୍ଦ୍ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଏପିକଲ୍‌ର ଜିଲା ପ୍ରବନ୍ଧକ ପ୍ରମୋଦ ଦାସ ଧନ୍ୟବାଦ ଦେଇଥିଲେ।

## ବିଡିଓଙ୍କ ନାମରେ ଏତଲା ଦେଲା ଭାଜପା



ବିଡିଓଙ୍କ ନାମରେ ଏତଲା ଦେବାକୁ ଆସିଥିବା ଭାଜପା ନେତୃବୃନ୍ଦ।

**ବଇଣ୍ଡା,୧୦।୩(ଡି.ଏନ.ଏ.)**

ପଞ୍ଚାୟତରାଜ ଦିବସରେ ଏକ ନିର୍ଦ୍ଦିଷ୍ଟ ଖବରକାଗଜକୁ ବିଜେଡିର ଶଙ୍ଖ ଚିହ୍ନ ଥିବା ବିଜ୍ଞାପନ ଦେଇ ବିବାଦ ଘେରକୁ ଆସିଥିବା ଅନୁଗୋଳ ଜିଲା କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରାଙ୍କ ବିରୋଧରେ ଶୁକ୍ରବାର ଥାନାରେ ଏତଲା ଦେଇଛି ଭାଜପା। ଭାଜପା ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ପୂର୍ବତନ ବିଧାୟକ ସଞ୍ଜୀବ ସାହୁ, ଅଲେଖ ପ୍ରଧାନ, ଅଜିତ ପ୍ରଧାନ, ଅର୍ଜୁନ ପାଣ୍ଡେ, ପ୍ରବୋଧ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ କିଶୋରନଗର ଥାନାରେ ବିଡିଓଙ୍କ ବିରୋଧରେ ଏତଲା ଦିଆଯାଇଛି। ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି, କିଶୋରନଗର ବିଡିଓ ରାଜ୍ୟ ସରକାରଙ୍କ ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି। ବିଜେଡିର ଶଙ୍ଖଚିହ୍ନ ଥାଇ ଖବରକାଗଜରେ ବିଜ୍ଞାପନ ଦେବା ପରେ ସତ୍ୟତା ପଦାକୁ ଆସିଛି। ସେ ଶାସକ ଦଳର ହାତବାରସି ସାଜି କାମ କରୁଛନ୍ତି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ସୂଚନାଯୋଗ୍ୟ, ବିଜ୍ଞାପନ ବିବାଦକୁ ନେଇ ବିଡିଓଙ୍କ ଅଡୁଆ ବଢ଼ିଥିବାବେଳେ ଗୁରୁବାର ଜିଲା ଭାଜପା ନେତୃବୃନ୍ଦ ଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଅଭିଯୋଗ କରିଥିଲେ।

## କାଙ୍କଡ଼ପାଳରେ ଦୋଳ ମହୋତ୍ସବ



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

**ଢେଙ୍କାନାଳ ଅଫିସ,୧୦।୩**

ଢେଙ୍କାନାଳ ସଦର ବ୍ଲକ କାଙ୍କଡ଼ପାଳ ଗ୍ରାମରେ ଧୁମ୍‌ଧାମରେ ଦୋଳ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାଦବ (ଗୋପାଳ) ସଂସ୍କୃତି, ପରମ୍ପରାକୁ ବଜାୟ ରଖିବା ଲାଗି ଦୀର୍ଘ ୮୬ ବର୍ଷ ଧରି ପ୍ରତିବର୍ଷ ପାଞ୍ଚଦିନ ଧରି ଏହା ପାଳିତ ହୋଇ ଆସୁଛି। ଏହି ଉପଲକ୍ଷେ ବିମାନରେ ରାଧାକୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଗୋପାଳ ଲଉଡ଼ି ନୃତ୍ୟରେ କୁନିକୁନି ପିଲାମାନେ ସାମିଲ ହୋଇଥିଲେ। ଏଥିସହ ରାଧାକୃଷ୍ଣ ମନ୍ଦିରରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। କଣ୍ଠଶିଳ୍ପୀ ସୁଧାକର ମିଶ୍ର ଭଜନ ପରିବେଷଣ କରିଥିଲେ। ଦୋଳ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇଥିଲେ। ସଭାପତି ଚନ୍ଦନ ମହାନ୍ତି, ସମ୍ପାଦକ ପୁରୁଷୋତ୍ତମ ଦାସ, ସଦସ୍ୟ ବିଚିତ୍ର ଦାସ, ଭରତ ସାସମଲ, ଗୁରୁବାରୀ ଷେଣ୍ଢ, ଲମ୍ବୋଦର ପ୍ରଧାନ, ସୁଧାକର ପରିଡା, କୋଦଣ୍ଡ ପରିଡା, ଲିପୁନ୍ ସାସମଲ୍, ବିଭୂତି ସାସମଲ, ବୁଧଦେବ ସାସମଲ, ବୁବୁ ସାସମଲ୍, ପଦିଆ ସାସମଲ, ସଞ୍ଜୁ ଶତପଥୀ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ହୋଟେଲ ସମ୍ମୁଖରୁ ଅଟୋ ଚୋରି

**ଅନୁଗୋଳ ଅଫିସ,୧୦।୩**

ଅନୁଗୋଳ ସହରର ଏକ ହୋଟେଲ ସମ୍ମୁଖରୁ ଏକ ଅଟୋ ଚୋରି ହୋଇଥିବା ହୋଟେଲ ମ୍ୟାନେଜର ସୁଭ୍ରାଂଶୁ କୁମାର ପ୍ରଧାନ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୨୨/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଅନୁଗୋଳ ପଞ୍ଚମୁଖୀ ନିକଟରେ ଥିବା ଏକ ହୋଟେଲକୁ ଖାଇବା ପ୍ରସ୍ତୁତ କରାଯାଇ ଅଟୋ (ନଂ.ଓଡି-୧୯ଏଲ-୧୪୯୯)ରେ ଆସିଥାଏ। ପ୍ରତିଦିନ ଭଳି ଉକ୍ତ ଅଟୋରେ ଖାଇବା ଗୁରୁବାର ହୋଟେଲକୁ ଆସିଥିଲା। ଅପରାହ୍ନରେ ଅଟୋଟି ହୋଟେଲ ସମ୍ମୁଖରେ ନ ଥିଲା। ଖୋଜାଖୋଜି କରି ଅଟୋ ନ ପାଇବାରୁ ଶେଷରେ ହୋଟେଲ ମ୍ୟାନେଜର ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ମହିଳା ହିଂସା ରୋକିବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ,୧୦।୩**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲାଉଲଇସ୍ଥିତ 'ପ୍ରିୟ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶ ଯୋଗଦେଇ, ମହିଳାଙ୍କୁ ସ୍ୱାବଲମ୍ବୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ମାନସ ରଞ୍ଜନ ଦାସ ଉପସ୍ଥିତ ରହି ମହିଳା ହିଂସା ରୋକିବା, କୌଶଳ ବିକାଶ ତାଲିମ ନେଇ ସ୍ୱାବଲମ୍ବୀ ହେବାକୁ ଗୁରୁତ୍ୱାରୋପ କରିଥିଲେ। ଲାଉଲଇ ସରପଞ୍ଚ ବିଜୟଲକ୍ଷ୍ମୀ ରାଉଳ, ସମିତିସଭ୍ୟ, ମୋନାଲିସା ସାହୁ, ବେଗା ସରପଞ୍ଚ ରାହୁଲ ରାୟ ମହାଲିକ ଓ ଲେଥକା ସରପଞ୍ଚ ଓମ୍ ପ୍ରକାଶ ଦାସ ପ୍ରମୁଖ ମହିଳାଙ୍କ ସ୍ୱାସ୍ଥ୍ୟଗତ ଓ ଅର୍ଥନୈତିକ ସମସ୍ୟା ବିଷୟରେ ବୁଝାଇଥିଲେ। ଲାଉଲଇ ଗ୍ରାମରେ ଏକ ସଚେତନତା ରାଲି କରାଯାଇଥିଲା। ଇଲନପ୍ରଭା ସେନାପତି, ସୌଭାଗ୍ୟ ଲକ୍ଷ୍ମୀ ତରାଇ, ସ୍ୱାଗତିକା ରାଉତ, ଅନ୍ନପୂର୍ଣ୍ଣା ଧଳ, ପଙ୍କଜିନୀ ବେହେରା, ରବୀନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ। 'ପ୍ରିୟ'ର ନିର୍ଦ୍ଦେଶକ ଟଙ୍କଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।




ସଚେତନତା ରାଲିରେ ସାମିଲ ହୋଇଥିବା ମହିଳାଙ୍କ ସମେତ ଅନ୍ୟମାନେ।

## ବିଜୁବାବୁଙ୍କ ପ୍ରତିମୂର୍ତ୍ତି ଫଳକକୁ ଭାଙ୍ଗିଦେଲେ ଦୁର୍ବୃତ୍ତ

**ବଇଣ୍ଡା,୧୦।୩(ଡି.ଏନ.ଏ.)**

କିଶୋରନଗର ବ୍ଲକ ନାକିଚିରେ ଥିବା ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଲାଗିଥିବା ଫଳକକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ସୂଚନାଯୋଗ୍ୟ, ୨୦୧୮ରେ ଆଠମଲ୍ଲିକର ତତ୍କାଳୀନ ବିଧାୟକ ସଞ୍ଜୀବ ସାହୁଙ୍କ ଉଦ୍ୟମରେ ନାକିଚିଠାରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ତେବେ ପ୍ରତିମୂର୍ତ୍ତିରେ ଲାଗିଥିବା ଫଳକକୁ ଦୁର୍ବୃତ୍ତମାନେ ଭାଙ୍ଗି ଦେଇଛନ୍ତି। ଏହା ଜଣାପଡ଼ିବା ପରେ ବିଜୁପ୍ରେମୀ ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଅସନ୍ତୋଷ ଦେଖାଦେଇଛି। ହୀନ ରାଜନୀତି ପାଇଁ ଫଳକ ଭଙ୍ଗାଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଭଳି ଅପକର୍ମ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



ଦୁର୍ବୃତ୍ତମାନେ ଭାଙ୍ଗିଦେଇଥିବା ଫଳକ।

## ହାଇୱା, ଟ୍ରାକ୍ଟର ଜବତ

**ଢେଙ୍କାନାଳ ଅଫିସ,୧୦।୩**

ଢେଙ୍କାନାଳ ତହସିଲ ଅଧୀନ କାମାକ୍ଷାନଗର ରୋଡ ଛକରୁ ଶୁକ୍ରବାର ୩ଟି ବାଲି ବୋଝେଇ ହାଇୱା ଜବତ କରାଯାଇଛି। ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ସୂଚନା ପାଇ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଜବତ ଟ୍ରକ୍‌ରୁ ଦେଢ଼ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଛି। ଅନୁରୂପ ଭାବେ ମାଣିପୁର ଓ ଦେଓପଡ଼ା ଅଞ୍ଚଳରୁ ୨ଟି ମାଙ୍କଡ଼ାପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଉକ୍ତ ଗାଡ଼ିକୁ ଗୋବିନ୍ଦପୁର ଫାଣ୍ଡିରେ ଜିମା ଦିଆଯାଇଛି। ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳଙ୍କ ନେତୃତ୍ୱରେ ତହସିଲଦାର ସୁଧାଂଶୁ ଶେଖର ସାହୁ, ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ସଦର ଥାନାଧିକାରୀ ପ୍ରଦୀପ ପ୍ରଧାନ, ଆର୍‌ଆଇ ବରୁଣ ଜେନା, ରାଜେଶ ସାହୁ, ଟୁକୁନା ବେହେରା, ପ୍ରେମାନନ୍ଦ ଦଳେଇ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## ୨ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜମି ଚିହ୍ନଟ



ଜମି ଚିହ୍ନଟ କରିବା ପାଇଁ ଆସିଥିବା ଅଧିକାରୀମାନେ।

**ବଇଣ୍ଡା, ୧୦।୩(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକର ବଇଣ୍ଡା ଏବଂ କିଶୋରନଗରରେ ୨ଟି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। ଏ ନେଇ ଶୁକ୍ରବାର ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଜମି ଚିହ୍ନଟ କରାଯାଇଛି। କିଶୋରନଗର ବରପଡ଼ିଆ ନିକଟରେ ଏବଂ ବଇଣ୍ଡାର ଶିବ ମନ୍ଦିର ନିକଟରେ ଥିବା ସରକାରୀ ଜମିରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବା ଲାଗି ଯୋଜନା ରହିଛି। ଏ ସଂକ୍ରାନ୍ତରେ ସବିଶେଷ ତଥ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ଜମି ଚିହ୍ନଟ ଲାଗି ଆସିଥିବା ୫ଜଣିଆ ଟିମ୍ ସଦସ୍ୟ ସୂଚନା ଦେଇଛନ୍ତି।

ଜମି ଚିହ୍ନଟ ବେଳେ କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର, ନୁନୁକାପଶି ସରପଞ୍ଚ ଦୀପ୍ତିମୟୀ ସାହୁ, ବଇଣ୍ଡା ଆର୍‌ଆଇ ଆନନ୍ଦ ସାହୁ, ଜିତେନ୍ଦ୍ର ବେହେରା, ମାନସ ସାହୁ, ସୁଧୀର ପ୍ରଧାନ, ସୁଜିତ ନନ୍ଦଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବଲଙ୍ଗ ପଞ୍ଚାୟତ ପରିଦର୍ଶନ କଲେ ବସୁଧା ଉପଦେଷ୍ଟା

**ଅନୁଗୋଳ ଅଫିସ, ୧୦।୩**

ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକ୍ଷମ ବସୁଧା ଯୋଜନାର ଉପଦେଷ୍ଟା ଦୀନେଶ ପ୍ରଧାନ ଅନୁଗୋଳ ସଦର ବ୍ଲକର ବଲଙ୍ଗ ପଞ୍ଚାୟତ ଗସ୍ତ କରି ପାନୀୟ ଜଳଯୋଗାଣ ପ୍ରକଳ୍ପଗୁଡ଼ିକର ସ୍ଥିତାବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି। ବଲଙ୍ଗ ସରପଞ୍ଚଙ୍କ ଉପସ୍ଥିତିରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକାରୀ ହେଉଥିବା ବସୁଧା ପ୍ରକଳ୍ପ, ସୌରଶକ୍ତିଚାଳିତ ପାନୀୟ ଜଳପ୍ରକଳ୍ପ ବୁଲି ଦେଖିଥିଲେ। ଏହି ଅବସରରେ ସେ ପ୍ରକଳ୍ପରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବଲଙ୍ଗ ଗ୍ରାମର ଗୋଠମାଳ ସାହିରେ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ବସୁଧା ପ୍ରକଳ୍ପ ଶୀଘ୍ର କାର୍ଯ୍ୟକ୍ଷମ କରିବା ଲାଗି ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ବସୁଧା ଯୋଜନାର ଉପଦେଷ୍ଟା ପାନୀୟ ଜଳଯୋଗାଣ ପ୍ରକଳ୍ପର ସମୀକ୍ଷା କରୁଛନ୍ତି।

## ସ୍ୱାବଲମ୍ବୀ ହେବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୧୦।୩**

ମହିଳା ଦିବସ ଉପଲକ୍ଷେ ଢେଙ୍କାନାଳର ଏକ ଶପିଂ ମଲ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ପ୍ରଶାସନ, ସଖୀ ସେଣ୍ଟରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ମହିଳାଙ୍କୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଥିଲେ। ନିଜେ ନିଜର ଅଧିକାର ସାବ୍ୟସ୍ତ କରିପାରିଲେ ସମାଜରେ ପରିବର୍ତ୍ତନ ଆସିବ ବୋଲି ସେ ପରାମର୍ଶ ଦେଇଥିଲେ। 'ଶୋଭା'ର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ଗଣେଶ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ଶିଶୁ ମଙ୍ଗଳ କମିଟି ଅଧକ୍ଷ ପୁଷ୍ପକ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ମ୍ୟାଜିକ୍‌ସିଆନ ବିମଳ କୁମାର ଲିଙ୍ଗଗତ ଭେଦଭାବ ଦୂରୀକରଣ ସମ୍ପର୍କିତ ମ୍ୟାଜିକ୍ ଶୋ' ପରିବେଷଣ କରିଥିଲେ। ମଲ୍‌ରେ ଉପସ୍ଥିତ ଗ୍ରାହକଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଶିଶୁ ମଙ୍ଗଳ କମିଟି ସଦସ୍ୟା କୃସିଦା ବେଗମ୍, କବୟିତ୍ରୀ ସସ୍ମିତା ଦାସ, ମାନସୀ କର ପ୍ରମୁଖ କବିତା ପାଠ କରିଥିଲେ। ମହିଳା ଦିବସ ଉପଲକ୍ଷେ ସ୍ୱତନ୍ତ୍ର ସେଲ୍‌ଫି ପଏଣ୍ଟର ବ୍ୟବସ୍ଥା, ଦସ୍ତଖତ ଅଭିଯାନ ଆୟୋଜନ କରାଯାଇଥିଲା। 'ସଖୀ'ର ଆଇନ ପରାମର୍ଶଦାତା ବସନ୍ତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

